# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**11th March - 2024**

**News Editor : *Tapan Kumar Maharana***

*********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ଣରେ ଶୁଭାରମ୍ଭ କରିବେ ପୁରୀ-ବିଶାଖାପାଟଣା ମଧ୍ୟରେ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ।

- ବାଲେଶ୍ୱର ଜିଲ୍ଲା ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟିରୁ ଆଜି ସଫଳ ପରୀକ୍ଷଣ ହେଲା ଦିବ୍ୟାସ୍ତ୍ର ମିଶନ ଅଧୀନସ୍ଥ ଅଗ୍ନି-୫ କ୍ଷେପଣାସ୍ତ୍ର ।

- ରାଜ୍ୟର ୪ଟି ଜିଲ୍ଲାରେ ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ ।

ଏବଂ

- ଜଷ୍ଟିସ୍ ଅରିଜିତ୍ ପଶାୟତ୍‌ଙ୍କ ଅଧ୍ୟକ୍ଷତାରେ କଟକଠାରେ କଳାଧନ ସମ୍ପର୍କିତ ଏସ୍.ଆଇ.ଟି ବୈଠକ ଅନୁଷ୍ଠିତ ।

*Desk*

# ବନ୍ଦେ ଭାରତ ଏକ୍ସପ୍ରେସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ଣରେ ଆଭାସୀ ମାଧ୍ୟମରେ ତୃତୀୟ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌ର ଶୁଭାରମ୍ଭ କରିବେ। ଏହି ଟ୍ରେନ୍ ପୁରୀ-ବିଶାଖାପାଟଣା ମଧ୍ୟରେ ଚଳାଚଳ କରିବ । ଏଥିସହିତ ପ୍ରଧାନମନ୍ତ୍ରୀ ପୁରୀରୁ ଅଯୋଧ୍ୟା ଟ୍ରେନ୍ ଚଳାଚଳର ମଧ୍ୟ ଶୁଭାରମ୍ଭ କରିବେ। ପୁରୀ-ବିଶାଖାପାଟଣା ମଧ୍ୟରେ ଚାଲିବାକୁ ଥିବା ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଖୋର୍ଦ୍ଧାରୋଡ୍, ବ୍ରହ୍ମପୁର, ପଲାସା, ଶ୍ରୀକାକୁଲମ୍ ରୋଡ୍ ଏବଂ ବିଜୟନଗରମ୍‌ଠାରେ ରହିବ । ପୂର୍ବତଟ ରେଳପଥର ସୂଚନା ଅନୁସାରେ, ବିଶାଖାପାଟଣା-ପୁରୀ ବନ୍ଦେ ଭାରତ ଏକ୍ସପ୍ରେସ୍ ଭୋର୍ ୫ଟା ୧୫ ମିନିଟ୍‌ରେ ପୁରୀରୁ ବାହାରି ୧୧ଟା ୩୩ ମିନିଟ୍‌ରେ ବିଶାଖାପାଟଣାରେ ପହଞ୍ଚିବ। ସେହିପରି ଅପରାହ୍ଣ ୩ଟା ୫୦ ମିନିଟ୍‌ରେ ଏହି ବନ୍ଦେ ଭାରତ ଏକ୍ସପ୍ରେସ୍ ବିଶାଖାପାଟଣାରୁ ବାହାରି ରାତି ୯ଟା ୫୫ ମିନିଟ୍‌ରେ ପୁରୀରେ ପହଞ୍ଚିବ। ଶନିବାରକୁ ଛାଡି ସପ୍ତାହର ୬ ଦିନ ଏହି ଏକ୍ସପ୍ରେସ୍ ଚଳାଚଳ କରିବ ବୋଲି ଜଣାଯାଇଛି।

ପ୍ରଧାନମନ୍ତ୍ରୀ ଓଡ଼ିଶାରେ ୪୧ଟି 'ଏକ ଷ୍ଟେସନ ଏକ ଉତ୍ପାଦ' ଷ୍ଟଲ୍‌କୁ ଉତ୍ସର୍ଗ କରିବେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ଓଡ଼ିଶାରେ ୨୭୪ ରେଳ ପ୍ରକଳ୍ପପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ଏହି ପ୍ରକଳ୍ପଗୁଡ଼ିକରେ ୧୬୨ଟି

ଇଲେକ୍ଟ୍ରୋନିକ ଇଣ୍ଟରଲକିଂ ସିଷ୍ଟମ୍, ୪୧ଟି 'ଏକ ଷ୍ଟେସନ ଏକ ଉତ୍ପାଦ' ଷ୍ଟଲ୍, ୫୦ଟି ସୋଲାର ପାୱାର ଷ୍ଟେସନ, ୫ଟି ଗୁଡ୍ସ୍ ଶେଡ୍, ୯ଟି ନୂଆ ଲାଇନ୍ ଦୋହରୀକରଣ ଏବଂ ତୃତୀୟ ଲାଇନ୍ ପ୍ରକଳ୍ପ, ୪ଟି ଅଟୋ ସିଗ୍ନାଲ୍ ସିଷ୍ଟମ୍, ଗୋଟିଏ ଗତିଶକ୍ତି ଟର୍ମିନାଲ୍, ଗୋଟିଏ ଜନ ଔଷଧି କେନ୍ଦ୍ର ଏବଂ ଗୋଟିଏ ରେଳ କୋଚ୍ ରେଷ୍ଟୁରାଣ୍ଟ ଅନ୍ତର୍ଭୁକ୍ତ ।

ସେହିପରି ପ୍ରଧାନମନ୍ତ୍ରୀ ପୂର୍ବତଟ ରେଳପଥର ବିଭିନ୍ନ ଷ୍ଟେସନରେ ସ୍ଥାନୀୟ ଉତ୍ପାଦଗୁଡ଼ିକର ବିକ୍ରୟ କେନ୍ଦ୍ର ଏବଂ ଜନଔଷଧୀ କେନ୍ଦ୍ରଗୁଡ଼ିକର ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି । ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ରହିବେ ।

ପ୍ରଧାନମନ୍ତ୍ରୀ ଜନ ଔଷଧି କେନ୍ଦ୍ରଗୁଡ଼ିକ ରେଳ ଷ୍ଟେସନ୍ ଆସୁଥିବା ଯାତ୍ରୀମାନଙ୍କ ପାଇଁ ବିଶେଷ ସହାୟକ ହେବ । ସମସ୍ତଙ୍କୁ ସୁଲଭ ମୂଲ୍ୟରେ ଉପଲବ୍ଧ ଗୁଣାତ୍ମକ ଔଷଧ ଏବଂ ଉପଯୋଗୀ ସାମଗ୍ରୀ ଉପଲବ୍ଧ କରାଇବ ଏବଂ ଏହା ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ।

***Desk***

# ଅଗ୍ନି-୫ କ୍ଷେପଣାସ୍ତ୍ର

ବାଲେଶ୍ୱର ଜିଲ୍ଲା ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟିରୁ ଆଜି ଦିବ୍ୟାସ୍ତ୍ର ମିଶନ ଅଧୀନସ୍ଥ ପ୍ରଥମ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଅଗ୍ନି-୫ କ୍ଷେପଣାସ୍ତ୍ର

ସଫଳ ପରୀକ୍ଷଣ ହୋଇଛି । ଏହି ଶକ୍ତିଶାଳୀ ଦୂରଗାମୀ କ୍ଷେପଣାସ୍ତ୍ରରେ Multiple, Independent Targetable, Re-entry Vehicle MIRV ପ୍ରଯୁକ୍ତି ବିଦ୍ୟା ରହିଛି, ଯାହାକି ଗୋଟିଏ ବାଲିଷ୍ଟିକ୍ କ୍ଷେପଣାସ୍ତ୍ରକୁ ଏକାଧିକ ପରମାଣୁ ଯୁଦ୍ଧାସ୍ତ୍ର ବହନ କରିବାକୁ ଅନୁମତି ଦେଇଥାଏ । ଏହା ବିଭିନ୍ନ ସ୍ଥାନରେ ମୁକ୍ତ ଭାବରେ କ୍ଷେପଣାସ୍ତ୍ରଗୁଡ଼ିକୁ ଲକ୍ଷ୍ୟଭେଦ କରିବାର କ୍ଷମତା ରଖିଥାଏ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦିବ୍ୟାସ୍ତ୍ର ମିଶନ ଅଧୀନରେ ଅଗ୍ନି-୫ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ନେଇ ଡି.ଆର୍.ଡି.ଓ.ର ବୈଜ୍ଞାନିକମାନଙ୍କୁ ପ୍ରଶଂସା କରିଛନ୍ତି ।

***Desk, Keonjhar, Boudh/R***

## ମୁଖ୍ୟମନ୍ତ୍ରୀ - ଉଦ୍‌ଘାଟନ

ରାଜ୍ୟ ସରକାର ଆଜି ପୂର୍ବାହ୍ନରେ ବଲାଙ୍ଗିର, କେନ୍ଦୁଝର, ଖୋର୍ଦ୍ଧା ଓ ବୌଦ୍ଧ ଜିଲ୍ଲାରେ ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ବଲାଙ୍ଗିର ଜିଲ୍ଲାର ହରିଶଙ୍କର ପୀଠର ଉନ୍ନତୀକରଣ ପ୍ରକଳ୍ପ, କେନ୍ଦୁଝର ଜିଲ୍ଲାର ଯୋଡ଼ାରେ ୨୫୦ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ୩ କିଲୋମିଟର ବିଶିଷ୍ଟ ରାଜ୍ୟର ଦୀର୍ଘତମ ଫ୍ଲାଏଓଭର, ଖୋର୍ଦ୍ଧା ଜିଲ୍ଲା ଜଟଣୀ-କୁଦିଆରୀରେ ୭୬୨ ମିଟର ଦୈର୍ଘ୍ୟ ବିଶିଷ୍ଟ ରେଳ ଓଭରବ୍ରିଜ୍ ଏବଂ

ବୌଦ୍ଧ ଜିଲ୍ଲାରେ ୩ଟି ସେତୁ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି । ଏତଦ୍‌ବ୍ୟତୀତ ଆଠମଲ୍ଲିକ-ଧଳପୁର ରାସ୍ତାରେ ମହାନଦୀ ଉପରେ ରାଜ୍ୟର ଦୀର୍ଘତମ ସେତୁ ଓ ବୌଦ୍ଧ ଜିଲ୍ଲା କଚେରି ପଡ଼ିଆଠାରେ ଆଭାସୀ ମାଧ୍ୟମରେ ରାଜ୍ୟର ସର୍ବବୃହତ୍ ଦୀର୍ଘ ସେତୁ ସହ ୩ଟି ସେତୁକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି । ସେଥିମଧ୍ୟରେ ମହାନଦୀ ଉପରେ ରାଜ୍ୟର ସର୍ବାଧିକ ଦୈର୍ଘ୍ୟବିଶିଷ୍ଟ ୩ କିଲୋମିଟର ଧଳପୁର-ଆଠମଲ୍ଲିକ ସେତୁ ସହ ବୌଦ୍ଧ ସହର ସହିତ ମର୍ଯ୍ୟାକୁଦ ଦ୍ୱୀପାଞ୍ଚଳକୁ ସଂଯୋଗ କରୁଥିବା ସେତୁ ଓ କଣ୍ଟାମଲ ବ୍ଲକ୍‌ର ରାକଡେର-ଫସାଦ ସେତୁ ରହିଛି ।

ଆଜି ମୁଖ୍ୟମନ୍ତ୍ରୀ କଟକ ଜିଲ୍ଲା ନେମାଳରେ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୀଠ ଓ ଖୋର୍ଦ୍ଧା ଜିଲ୍ଲା ଉଗ୍ରତାରା ଶକ୍ତିପୀଠର ଉନ୍ନତୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏଥିସହ ବୌଦ୍ଧ ଜିଲ୍ଲାର ବାଉଁଶୁଣୀ-ବୀରମହାରାଜପୁର ସଂଯୋଗୀକରଣ ରାସ୍ତାରେ ମହାନଦୀ ଉପରେ ଏକ ସେତୁ ନିର୍ମାଣପାଇଁ ମଧ୍ୟ ଶିଳାନ୍ୟାସ କରିଛନ୍ତି ।

***Cuttack/R***

# ଏସ୍.ଆଇ.ଟି. ବୈଠକ

ଜଷ୍ଟିସ୍ ଅରିଜିତ୍ ପଶାୟତ୍‌ଙ୍କ ଅଧ୍ୟକ୍ଷତାରେ ଆଜି କଟକଠାରେ କଳାଧନ ସମ୍ପର୍କିତ ଏସ୍.ଆଇ.ଟି ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ନିର୍ବାଚନ ସମୟରେ ନିଶା କାରବାର ଏବଂ ଉପହାର ଦେଇ ଭୋଟ୍ କିଣିବା ପ୍ରୟାସ

ପ୍ରକ୍ରିୟାକୁ ନିୟନ୍ତ୍ରଣ କରିବା ନିମନ୍ତେ ଆଲୋଚନା ହୋଇଥିଲା । ନିର୍ବାଚନ ସମୟରେ ଭୋଟରଙ୍କୁ ପ୍ରଭାବିତ କରିବାପାଇଁ କଳାଟଙ୍କା ବ୍ୟବହାରର ଅଶଙ୍କା ରହିଛି । ତେବେ କଳାଧନ କାରବାର ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣପାଇଁ ପ୍ରଚଳିତ ଆଇନରେ କିଛି ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି ଜଷ୍ଟିସ୍ ପଶାୟତ କହିଛନ୍ତି । ଭିଜିଲାନ୍ସ ତଦନ୍ତଭୁକ୍ତ ମାମଲାର ବିବରଣୀ ପ୍ରଦାନ କରିବାକୁ ସେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଏବଂ ଆୟକର ବିଭାଗକୁ ମଧ୍ୟ ପରାମର୍ଶ ଦେଇଛନ୍ତି । ଆସନ୍ତା ଜୁନ୍ ସୁଦ୍ଧା ଏସ୍.ଆଇ.ଟି. ତା'ର ନବମ ଅନ୍ତରୀଣ ରିପୋର୍ଟ ସୁପ୍ରିମ୍‌କୋର୍ଟରେ ଦାଖଲ କରିବ ।

*HS*

## ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଦିବସ

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି 'ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଦିବସ' ପାଳନ ନେଇ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେଉଛି । ଏହି ଅବସରରେ ସାମାଜିକ ଗଣମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି, ଭାଷା ଆମ ଗୌରବ, ଆମ ବୈଭବ। ଭାଷା ଆମ ପରିଚୟକୁ ସମୃଦ୍ଧ କରିଛି । ଓଡ଼ିଆ ଭାଷାର ବହୁଳ ବ୍ୟବହାର ଦିଗରେ ଯତ୍ନବାନ ହେବା ଏବଂ ଓଡ଼ିଆ ଭାଷାର ଅସ୍ମିତାକୁ ସମୃଦ୍ଧ କରି 'ନୂଆ ଓଡ଼ିଶା' ଗଢ଼ିବାପାଇଁ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ଆହ୍ୱାନ ଜଣାଇଛନ୍ତି ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏନେଇ ସାମାଜିକ ଗଣମାଧ୍ୟମରେ କହିଛନ୍ତି, ଆମ ଓଡ଼ିଆ ଭାଷା ଆମର ଜାତି, ଅସ୍ମିତା ଓ ସ୍ୱାଭିମାନର ପରିଚୟ। ଦେଶରେ ପ୍ରଣୀତ ଜାତୀୟ ଶିକ୍ଷା ନୀତି ଅଧୀନରେ ଓଡ଼ିଆ ଭାଷା ସମେତ ସମସ୍ତ ଭାରତୀୟ ଭାଷାର ବହୁଳ ପ୍ରଚାର ପ୍ରସାର ପାଇଁ ବିଶେଷ ଗୁରୁତ୍ୱ ଦିଆଯାଉଛି । ଆଜି 'ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ' ଅବସରରେ ସମସ୍ତ ଓଡ଼ିଆ ଭାଷାଭାଷୀ ଲୋକମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଆମର ଗୌରବମୟ ଭାଷାକୁ ସମୃଦ୍ଧ କରିବା ପାଇଁ ସର୍ବଦା ଉଦ୍ୟମ କରିଥିବା ମହାପୁରୁଷଙ୍କୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ।

*IPR*

# ନିର୍ବାଚନ କମିଶନ୍ - ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଆଗାମୀ ସାଧାରଣ ନିର୍ବାଚନ ପ୍ରକ୍ରିୟାକୁ ମୁକ୍ତ, ଅବାଧ ଓ ନିରପେକ୍ଷ ଭାବେ ପରିଚାଳନା କରିବାପାଇଁ ନିର୍ବାଚନ କମିଶନ୍ଙ୍କ ପକ୍ଷରୁ ନିର୍ବାଚନ ପର୍ଯ୍ୟବେକ୍ଷକମାନଙ୍କ ପାଇଁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ନିର୍ବାଚନ ଅଧିକାରୀ ଏବଂ ରାଜ୍ୟ ନିର୍ବାଚନ ପର୍ଯ୍ୟବେକ୍ଷକମାନେ ଆଭାସୀ ମାଧ୍ୟମରେ ଅଂଶଗ୍ରହଣ କରିଥିଲେ । ନିର୍ବାଚନ ପର୍ଯ୍ୟବେକ୍ଷକମାନେ ମତଦାନ ପ୍ରକ୍ରିୟାବେଳେ ତୃଣମୂଳ ସ୍ତରରେ ସମ୍ମୁଖୀନ ହେଉଥିବା ବିଭିନ୍ନ ଆହ୍ୱାନର କିପରି ମୁକାବିଲା କରିବେ ଏବଂ ନିୟମ ଅନୁଯାୟୀ ସମସ୍ତ ବିଷୟକୁ

କମିଶନଙ୍କ ଦୃଷ୍ଟି ଆକର୍ଷଣ କରିବେ, ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଇ.ଭି.ଏମ୍., ଭି.ଭି.ପାଟ୍, ବୁଥ୍ ପରିଚାଳନା, ପୋଷ୍ଟାଲ୍ ବାଲାଟ୍, ଶାନ୍ତିଶୃଙ୍ଖଳା ଏବଂ ସମସ୍ତ ଦଳକୁ ସମାନ ସୁଯୋଗ ଦେଇ ପର୍ଯ୍ୟବେକ୍ଷକମାନେ କିଭଳି ତ୍ରୁଟିଶୂନ୍ୟ ଭାବେ କାର୍ଯ୍ୟ କରିବେ, ସେ ସମ୍ପର୍କରେ ମୁଖ୍ୟ ନିର୍ବାଚନ କମିଶନର୍ ରାଜୀବ କୁମାର ପରାମର୍ଶ ଦେଇଛନ୍ତି ।

***Cuttack/R***

## ଅଗ୍ନିପଥ - ଅନ୍‌ଲାଇନ୍ ପରୀକ୍ଷା

ଭାରତୀୟ ଅଗ୍ନିପଥ ଯୋଜନା ଓ ନିୟମିତ କ୍ୟାଡର ନିଯୁକ୍ତି ରାଲି ନିମନ୍ତେ ସାଧାରଣ ପ୍ରବେଶିକା ପରୀକ୍ଷା-୨୦୨୪ ଲାଗି ଫେବୃଆରୀ ୧୩ ତାରିଖରୁ ଆରମ୍ଭ ହୋଇଥିବା ଅନ୍‌ଲାଇନ୍ ପଞ୍ଜୀକରଣ ପ୍ରକ୍ରିୟା ମାର୍ଚ୍ଚ ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। କଟକ, ମୟୁରଭଞ୍ଜ, କେନ୍ଦ୍ରାପଡା, ଜଗତସିଂହପୁର, ନୟାଗଡ, ବାଲେଶ୍ୱର, ଖୋର୍ଦ୍ଧା, ଯାଜପୁର, ପୁରୀ ଏବଂ ଭଦ୍ରକ ଜିଲ୍ଲାର ଯୋଗ୍ୟ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ। ଇଚ୍ଛୁକ ପ୍ରାର୍ଥୀ ଭାରତୀୟ ସେନାର ୱେବସାଇଟ୍ www.join indian army.nic.in ମାଧ୍ୟମରେ ନାମ ପଞ୍ଜୀକରଣ କରିପାରିବେ। ଆବେଦନକାରୀଙ୍କୁ ୨୫୦ ଟଙ୍କା ପରୀକ୍ଷା ଫି’ ଦାଖଲ କରିବାକୁ ପଡିବ। ୨୦୨୪ ଏପ୍ରିଲ ୨୨ ପରେ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଏହି ଅନ୍‌ଲାଇନ୍ ପରୀକ୍ଷା ଅନୁଷ୍ଠିତ ହେବ ।

*Deogarh, Nabarangpur, Boudh, Rayagada/R*

# ଯୁଗ୍ମ ଅଭିଯୋଗ ଶୁଣାଣି

ଦେବଗଡ଼ ଜିଲ୍ଲାର ବାର୍‌କୋଟ୍‌ଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଯୋଗଦେଇ ୧୬ଟି ବ୍ୟକ୍ତିଗତ ଏବଂ ୧୨ଟି ସାମୂହିକ ଅଭିଯୋଗ ଗ୍ରହଣ କରିବା ସହ ଏଲ କ୍ଷେତ୍ରରେ ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ସେହିପରି ନବରଙ୍ଗପୁର ଜିଲ୍ଲାର ନନ୍ଦାହାଣ୍ଡି ବ୍ଲକ୍‌ରେ ଅନୁଷ୍ଠିତ ଶିବିରରେ ମୋଟ୍ ୨୯ଟି ଅଭିଯୋଗର ଶୁଣାଣି କରାଯାଇଛି ।

ବୌଦ୍ଧ ଜିଲ୍ଲା କଣ୍ଟାମଳ ବ୍ଲକ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ୧୮ଟି ଅଭିଯୋଗର ସମାଧାନ କରାଯାଇଛି ।

ରାୟଗଡ଼ା ଜିଲ୍ଲା କାଶୀପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ଶିବିରରେ ୪୮ଟି ବ୍ୟକ୍ତିଗତ ଏବଂ ୧୧ଟି ସାମୂହିକ ଅଭିଯୋଗ ସମେତ ୬୧ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥିମଧ୍ୟରୁ ୩ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ଏହି ଅବସରରେ ଜିଲ୍ଲାପାଳ ୨ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୪୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଛନ୍ତି ।

*****